





# ଏମଏସଏମଇ ପଲସ

ମାର୍ଚ୍ଚ ୨୦୨୩



## ଶ୍ରୀଯୁକ୍ତ ଶିବସୁବ୍ରମଣିଅନ ରମଣ

### ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ, ସିଡ଼ବି

ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର ପୁନଃଉଦ୍ଧାର ପାଇଁ ସରକାରଙ୍କ ଦ୍ୱାରା ଉପସ୍ଥାପିତ ପ୍ରଗତିଶୀଳ ସଂସ୍କାର ଗୁଡ଼ିକ ଫଳପ୍ରଦ ହେବା ସହିତ ଦୃଢ଼ ବ୍ୟବସାୟିକ କାର୍ଯ୍ୟକଳାପରେ ପ୍ରତିଫଳିତ ହୋଇଛି ଏବଂ ସମସ୍ତ ବିଭାଗରେ ଉଦ୍ୟୋଗ ଗୁଡ଼ିକ ଦ୍ୱାରା କ୍ରେଡ଼ିଟ ବୃଦ୍ଧିରେ ପ୍ରତିଫଳିତ ହୋଇଛି। ଆମମାନଙ୍କୁ ଏହି କ୍ରେଡ଼ିଟ୍ ଶିଳ୍ପକୁ ଆହୁରି ଅଧିକ ଉତ୍ସାହିତ କରିବାର ଅଛି, ଯାହାକି ଏମ୍‌ଏସ୍‌ଏମ୍‌ଇର ରହିଥିବା କ୍ରେଡ଼ିଟ ସୁଯୋଗକୁ ଏଗୁଡ଼ିକ ନିର୍ଦ୍ଦିଷ୍ଟ ସହାୟତା ତଥା ଏହାର ଚାହିଦାକୁ ବୃଦ୍ଧି କରିବା ସହିତ, କ୍ଷେତ୍ରରେ ରହିଥିବା ଦାବୀ ଗୁଡ଼ିକୁ ସମୟାନୁସାରେ ପୂରଣ କରିବା ସହିତ ସରକାରଙ୍କର ୫ଟ୍ରିଲିୟନ ଆମେରିକୀୟ ଡ଼ଲାର ଅର୍ଥନୀତି ଲକ୍ଷ୍ୟକୁ ଅଚିରେ ପୂରଣ କରିପାରିବ।



## ଶ୍ରୀଯୁକ୍ତ ରାଜେଶ କୁମାର

### ପରିଚାଳନା ନିର୍ଦ୍ଦେଶକ ତଥା ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟ୍ରାନ୍ସୟୁନିୟନ ସିବିଲ ଲିମିଟେଡ୍

ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରର କ୍ରେଡ଼ିଟ ଦାବୀ ସର୍ବକାଳୀନ ଉଚ୍ଚସ୍ତରରେ ରହିଥିବା ବେଳେ କ୍ରେଡ଼ିଟ ଶିଳ୍ପ ଦ୍ୱାରା ଆବ□ନ ସ୍ଥିର ରହିଛି ଏଥିସହିତ ଅବହେଳିତ ସ୍ତର ହ୍ରାସ ପାଇଛି। ଏହି ତଥ୍ୟ ପ୍ରମାଣିତ କରୁଛି ଯେ, କ୍ରେଡ଼ିଟ୍ ଶିଳ୍ପ ତଥା ତଥ୍ୟ ବିଶ୍ଳେଷଣାତ୍ମକ ଶକ୍ତି ବ୍ୟବହାର ଅନ୍ତର୍ନିହିତ କରିବାରେ ସକ୍ଷମ ହୋଇଛି ଯାହାକି ଯୋଗ୍ୟ ଏମ୍‌ଏସ୍‌ଏମ୍‌ଇ ଚିହ୍ନଟ କରିବା ଏବଂ ବ୍ୟବସାୟ କ୍ଷେତ୍ର ଏବଂ ଭୌଗୋଳିକ ସ୍ତରରେ କ୍ରେଡ଼ିଟ୍ ସୁଯୋଗକୁ ପ୍ରବେଶ କରାଇବାରେ ଋଣ ପ୍ରଦାନକାରୀ ଇକୋସିଷ୍ଟମ ଦ୍ୱାରା ପରିଚାଳିତ ନୂତନ ଉଦ୍ଭାବନର ଧାରା, ଏହାର ଉଚ୍ଚ ଅଭିବୃଦ୍ଧି ପଥକୁ ଜାରି ରଖିବା ପାଇଁ ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରକୁ ଯଥେଷ୍ଟ ଦୃଢ଼ିଭୂତ କରିଛି। ଏହି ଉଦ୍ଭାବନ ଗୁଡ଼ିକ ଆର୍ଥିକ, ଆୟ ଏବଂ ବାଣିଜ୍ୟ ସୂଚନାର ଶକ୍ତିକୁ ତ୍ରିକୋଣୀ କରିବା ପାଇଁ କ୍ଷମତା ପ୍ରଦାନ କରିଛି ଯାହା ଦ୍ୱାରା କ୍ରେଡ଼ିଟ୍ ଅନୁଷ୍ଠାନ ଗୁଡ଼ିକ ବ୍ୟବସାୟିକ ସଂସ୍ଥାର ଏକୀକୃତ ଅବଲୋକନ ପାଇପାରିବେ, ଯାହାକି ଏମ୍‌ଏସ୍‌ଏମ୍‌ଇ ଋଣର ବ୍ୟବସାୟ କରୁଥିବା ବ୍ୟକ୍ତିଙ୍କ ପାଇଁ ଉନ୍ନତ ବିପଦର ଭିନ୍ନତାକୁ ସକ୍ଷମ କରିପାରିବ।

# ବିଶ୍ଲେଷଣ ସଂକ୍ରାନ୍ତୀୟ ଯୋଗାଯୋଗ



## ଟ୍ରାନ୍ସୟୁନିୟନ ସିବିଲ


**ବିପୁଲ ମହାଜନ**
vipul.mahajan@transunion.com

**ମୋହିତ୍ ଗୋଏଲ**
mohit.goel@transunion.com

**ଆନି ନିଶାଙ୍କ**
annie.nishank@transunion.com

**ତୃପ୍ତି ସେଟ୍ଟୀ**
trupthi.shetty@transunion.com


## ସିଡ୍‌ବି


**ସଞ୍ଜୟ ଜୈନ**
erdav@sidbi.in

**ଜିନସୁଆନମଙ୍ଗ ହାଙ୍ଗଜୋ**
erdav@sidbi.in

**ସୋହମ୍ ନାଗ**
erdav@sidbi.in

**ବନ୍ଦିତା ଶ୍ରୀବାସ୍ତବ**
erdav@sidbi.in

# ସୂଚୀପତ୍ର


| | |
|---|---|
| କାର୍ଯ୍ୟନିର୍ବାହୀ ସାରାଂଶ | ୪ |
| କ୍ରେଡ଼ିଟ୍ ଚାହିଦା | ୬ |
| କ୍ରେଡ଼ିଟ୍ ଯୋଗାଣ | ୭ |
| କ୍ରେଡ଼ିଟ୍ ଅଭିବୃଦ୍ଧି ଏବଂ କାର୍ଯ୍ୟଦକ୍ଷତା | ୧୧ |
| ଅଭିବୃଦ୍ଧିର ପରବ□ୀ ଧାରା – ମାଇକ୍ରୋ ସିଗ୍ମେ□ | ୧୬ |
| ବିପଦର ପ୍ରାଥମିକ ଚେତାବନୀ ସଂକେତ ସମୂହ | ୨୦ |

ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) ଏକ ଗତିଶୀଳ ଏବଂ ଦ୍ରୁତ ବିସ୍ତାରିତ କ୍ଷେତ୍ର ଅଟେ ଯାହା ଭାରତର ଜିଡ଼ିପିକୁ ୩୦ ପ୍ରତିଶତର ସହଯୋଗ କରୁଥିବା ବେଳେ ୧୧୧ ମିଲିୟନ ଲୋକଙ୍କୁ ନିଯୁକ୍ତି ପ୍ରଦାନ କରିଥାଏ। ତେଣୁ ଏହା ଏକ ଘଡ଼ିସନ୍ଧି ମୁହୂ□ଅଟେ ଏମ୍ଏସ୍ଏମ୍ଇର ଆର୍ଥିକ ପ୍ରବେଶକୁ ଉନ୍ନତ କରିବା ସହିତ ଏହାର ଅଭିନବ ସମାଧାନର ଅନୁସନ୍ଧାନ ତଥା ପୁଞ୍ଜି ଉତ୍ସ ଗୁଡ଼ିକୁ ଉନ୍ମୁକ୍ତ କରିବା।

ଏମ୍ଏସ୍ଏମ୍ଇ ପଲସର ଏହି ସଂସ୍କରଣ ଏହି କ୍ଷେତ୍ରରେ ରହିଥିବା ତ୍ୱରିତ ଅଭିବୃଦ୍ଧିକୁ ବିଶ୍ଳେଷଣ କରିଛି ଯାହା ପ୍ରାଥମିକ ଭାବରେ ଏମ୍ଏସ୍ଏମ୍ଇ ସହିତ ଯୋଡ଼ି ହୋଇ ରହିଥିବା ଋଣଦାତା ମାନଙ୍କୁ ଠିକ୍ ସମୟରେ କେଅଡ଼ିଟ ପ୍ରଦାନର ଲକ୍ଷ୍ୟ ହାସଲ କରିପାରିଛି। ଏହାର ପ୍ରଥମ ଅଧ୍ୟାଞ୍ଚ ଏମ୍ଏସ୍ଏମ୍ଇ କ୍ରେଡ଼ିଟର ପ୍ରମୁଖ ବୈଶିଷ୍ଟ ଗୁଡ଼ିକ ଉପରେ ଆଲୋକପାତ କରିଛି ଏବଂ ଏହି କ୍ଷେତ୍ରର ଚାହିଦା, ଧାରା ଏବଂ କାର୍ଯ୍ୟ ଦକ୍ଷତାକୁ ମୂଲ୍ୟାଙ୍କନ କରିଛି।

ନିମ୍ନୋକ୍ତ ଅଧ୍ୟାୟ ଗୁଡ଼ିକ ମାଇକ୍ରୋ ସେଗମେ□ ଅଭିବୃଦ୍ଧିର ସମ୍ଭାବ୍ୟ ପରବ□ ତରଙ୍ଗକୁ ମୂଲ୍ୟାୟନ କରିଛି ଏବଂ ପରିଶେଷରେ ଆମେ କ୍ଷେତ୍ରରେ ରହିଥିବା ବିପଦର ପ୍ରାରମ୍ଭିକ ଚେ଼ତବନୀ ସଂକେତ ଗୁଡ଼ିକର ଫଳା ଫଳକୁ ଚି଼ହ୍ନଟ କରିପାରିଛୁ।

## କ୍ରେଡ଼ିଟ୍ ଚାହିଦା, ଯୋଗାଯୋଗ ଏବଂ କ୍ରେଡ଼ିଟ ଅଭିବୃଦ୍ଧି

ଏମ୍ଏସ୍ଏମ୍ଇ ଋଣ ଚାହିଦା ହାର ଠାରୁ ୧.୭ ପରିମାଣ ଅଧିକ ଅଟେ। ଏହି ସମୟ ମଧ୍ୟରେ ଏନବିକେସିର କ୍ରେଡ଼ିଟ୍ ଚାହିଦା ଦ୍ୱିଗୁଣିତା ହେବାର ଦେଖାଯାଇଛି। ଏହା କେବଳ ସରକାରୀ ତଥା ଆର୍ଥିକ କ୍ଷେତ୍ରରେ ପ୍ରୟାସର ଗୁଣବ□କୁ ସୂଚି଼ତ କରିବା ସହିତ ଏହି କ୍ଷେତ୍ରର ଅଭିବୃଦ୍ଧି ତଥା କାର୍ଯ୍ୟକାରୀ ବହୁମୁଖୀ ସମର୍ଥନ ଏବଂ ଏମ୍ଏସ୍ଏମ୍ଇ କ୍ଷେତ୍ରର ଡ଼ିଜିଟାଲ ସର୍ବସାଧାରଣ ଭିତିଭୂମି ବିକାଶକୁ ମଧ୍ୟ ଶ୍ରେୟ କରିଥାଏ।

ଆର୍ଥିକ ବର୍ଷ ୨୩- ଦ୍ୱିତୀୟ ତ୍ରୈମାସିକରେ ବ□ କ ପରିମାଣ ଏବଂ ପରେ ବର୍ଷ ୨୪ ପ୍ରତିଶତ ବୃଦ୍ଧି ପାଇଛି। ଶେଷ ଆର୍ଥିକ ବର୍ଷ ୨୨- ଦ୍ୱିତୀୟ ତ୍ରୈମାସିକ ତୁଳନାରେ ଆର୍ଥିକ ବର୍ଷ ୨୩- ଦ୍ୱିତୀୟ ତ୍ରୈମାସିକରେ ମାଇକ୍ରୋ ସେଗ୍ମେ□ ବ□କରେ ୫୪ ପ୍ରତିଶତ ବୃଦ୍ଧି ଅନୁଭୂତ ହୋଇଛି। ମାଇକ୍ରୋରେ ଉଲ୍ଲେଖନୀୟ ଅଭିବୃଦ୍ଧି ବଜାରରେ ବର୍ଦ୍ଧିତ ଅନ୍ତର୍ଭୁକ୍ତ ଧାରାକୁ ପୁନଃ ପ୍ରମାଣିତ କରିପାରିଛି। ଆର୍ଥିକ ବର୍ଷ ୨୨-ଦ୍ୱିତୀୟ ତ୍ରୈମାସିକ ତୁଳାନରେ ଏମ୍ଏସ୍ଏମ୍ଇର ବଟନ ପରିମାଣ ଆର୍ଥିକ ବର୍ଷ ୨୩- ଦ୍ୱିତୀୟ ତ୍ରୈମାସିକରେ ପିଏସ୍‌ବି, ପ୍ରାଇଭେଟ ଏବଂ ଏନବିଏଫସିରେ ୨୧ ପ୍ରତିଶତର ବୃଦ୍ଧି ଯଥାକ୍ରମେ କ୍ରମାନ୍ୱୟରେ ୨୫ ପ୍ରତିଶତ ତଥା ୩୪ ପ୍ରତିଶତ ପରିଲକ୍ଷିତ ହୋଇଛି।

## ପୋର୍ଟଫୋଲିଓ କାର୍ଯ୍ୟକଳାପ

ସମୁଦାୟ ଏମ୍ଏସ୍ଏମ୍ଇ କ୍ରେଡ଼ିଟ ଉନ୍ମୁକ୍ତ ଅବସ୍ଥା (ଯାହା ସନ୍ଦେହାତ୍ମକ ବର୍ଗରେ ୧.୨ ଲକ୍ଷ କୋଟି ଟଙ୍କା ଏବଂ ୭୨୦ ଡ଼ିପିଡ଼ି / କ୍ଷତି ବର୍ଗର ଡ଼ିଫଲ୍ଟ କେସକୁ ଛାଡ଼ି) ସେପ୍ଟେମ୍ବର'୨୨ (ଆବ'୨୩-ଦ୍ୱିତୀୟ ତ୍ରୈମାସିକ) ସୁଦ୍ଧା ୨୨.୯ଲକ୍ଷ କୋଟି ଟଙ୍କା ଥିଲା ୧୦.୬ ପ୍ରତିଶତ ବର୍ଷକୁ ବୃଦ୍ଧି ହାରକୁ ପ୍ରତିଫଳିତ କରୁଛି।

ସାମଗ୍ରିକ ଭାବରେ ମାର୍ଚ୍ଚ'୨୨ (ଆବ'୨୩-ଦ୍ୱିତୀୟ ତ୍ରୈମାସିକ) ସୁଦ୍ଧା ଏମ୍ଏସ୍ଏମ୍ଇ ଏନପିଏ ହାର (୯୦ଯୁକ୍ତ ଡ଼ିପିଡ଼ି) ୧୨.୫ ପ୍ରତିଶତରେ ରହିଛି ଯାହା ଶେଷ ବର୍ଷ ସମାନ ସମୟ (ଆବ'୨୨ ଦ୍ୱିତୀୟ ତ୍ରୈମାସିକ) ମଧ୍ୟରେ ୧୩.୯ ପ୍ରତିଶତରୁ ନିମ୍ନରେ ରହିଛି। ମାଇକ୍ରୋପଲସ୍‌ର ଏହି ସଂସ୍କରଣ ସହିତ ଡ଼ିପିଡ଼ିର ୭୨୦ ଦିନରୁ କମ୍ କିମ୍ବା ଏହାକୁ କ୍ଷତିଗ୍ରସ୍ତ / ସନ୍ଦେହାତ୍ମକ ଭାବରେ ବଞ୍ଚିତ କରାଯାଇଛି। ଅବହେଳିତ ମୂଲ୍ୟ ସେପ୍ଟେମ୍ବର'୨୨(ଆବ'୨୩-ଦ୍ୱିତୀୟ ତ୍ରୈମାସିକ) ପାଇଁ ୩ ପ୍ରତିଶତ ରହିଥିବା ବେଳେ ଶେଷ ବର୍ଷ ସମାନ ସମୟ (ଆବ'୨୨-ଦ୍ୱିତୀୟ ତ୍ରୈମାସିକ) ମଧ୍ୟରେ ଏହା ୪.୪ ପ୍ରତିଶତରୁ ନିମ୍ନରେ ରହିଛି। ବର୍ଷକୁ ବର୍ଷରେ ଅବହେଳିତ ମୂଲ୍ୟ ସମସ୍ତ ତିନୋଟି ଉଧାରଦାତା ବିଭାଗ (ପିଏସ୍‌ଜି ସମୂହ ପ୍ରାଇଭେଟ ଏବଂ ଏନବିଏଫସି ସମୂହ)ରେ ନିମ୍ନଗାମୀ ହୋଇଛି : ପ୍ରାଇଭେଟ ସିଗ୍ମେ□ରେ ସବୁଠାରୁ ଅଧିକ ନିମ୍ନଗାମୀ (ଅର୍ଥାତ୍ ଆବ'୨୨-ଦ୍ୱିତୀୟ ତ୍ରୈମାସିକର ୨.୮ ପ୍ରତିଶତରୁ ଅବ'୨୩-ଦ୍ୱିତୀୟ ତ୍ରୈମାସିକ ମଧ୍ୟରେ)

## ଅଭିବୃଦ୍ଧିର ପରବ□ ଧାରା -ମାଇକ୍ରୋ ସିଗମେ□

"ଅଣୁ" (ସମୂହ କ୍ରେଡ଼ିଟ ସହିତ ଯାହା ଏକ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ନୁହେଁ) କ୍ରେଡ଼ିଟ ସିଗମେଣ୍ଟରେ ବଳକା ବୃଦ୍ଧି ବର୍ଷକୁ ବର୍ଷ ସେପ୍ଟେମ୍ବର '୨୨ ସୁଦ୍ଧା ୧୩ ପ୍ରତିଶତ ବୃଦ୍ଧି ହୋଇଥିବା ବେଳେ ସାମଗ୍ରିକ ଭାବରେ ଏମ୍ଏସ୍ଏମଇ କ୍ଷେତ୍ରରେ ବର୍ଷକୁ ବର୍ଷ ଅଭିବୃଦ୍ଧି ୧୦.୬ ପ୍ରତିଶତ ରହିଛି। ଅତି କ୍ଷୁଦ୍ର (ସମୂହ କ୍ରେଡ଼ିଟ୍ ସହିତ ଯାହା ୧୦ ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ନୁହେଁ), ଅଣୁ ୧ ଏବଂ ଅଣୁ ୨(ସମୂହ କ୍ରେଡ଼ିଟ ସହିତ ୫୦ ଲକ୍ଷରୁ ୧ କୋଟି ଟଙ୍କା ମଧ୍ୟରେ) ଯାହାର ବଳକା ବୃଦ୍ଧି ବର୍ଷକୁ ବର୍ଷ ଯଥାକ୍ରମେ ୨୦ ପ୍ରତିଶତ, ୧୫ ପ୍ରତିଶତ ଏବଂ ୧୧ ପ୍ରତିଶତ ରହିଥିବା ବେଳେ ମାଇକ୍ରୋ ଧାରକ, କେବଳ ମାତ୍ର ଫେରିପାରିନାହିଁ ସଂକ୍ରମଣ ପରବ□ ଅବସ୍ଥାରେ।

ମାଇକ୍ରୋ ସିଗମେ□କ୍ଷେତ୍ରରେ ଉଚ୍ଚ ଅଭିବୃଦ୍ଧି ଏହି ସିଗମେ□ର ଋଣଦାତା ବିଶ୍ୱାସକୁ ପୁନଃ ସ୍ଥାପିତ କରିପାରିଛି। ଏମ୍ଏସ୍ଏମ୍ଇ ଧାରକଙ୍କ ମଧ୍ୟରୁ ୯୩ ପ୍ରତିଶତ ମାଇକ୍ରୋ ସିଗମେ□ରେ ଅଛନ୍ତି ଏମ୍ଏସ୍ଏମ୍ଇ ପୋର୍ଟ ଫୋଲିଓରେ ଯେଉଁମାନଙ୍କର ଅବଦାନ ୨୫ ପ୍ରତିଶତ ଅଟେ। ଏମ୍ଏସ୍ଏମ୍ଇ ସମୂହର ବୈଧିକରଣ ଏବଂ ସେମାନଙ୍କର ଏକ ମ□-ଆଧାରିତ ବ୍ୟାଙ୍କିଙ୍ଗ ସେବା ଗ୍ରହଣୀୟତା ଯୋଗୁଁ ଏହା ଧାରକ ମାନଙ୍କୁ ଏ ସମ୍ପର୍କିତ ଅନେକ ତଥ୍ୟ ହାସଲ କରିବାରେ ସକ୍ଷମ କରିପାରିଛି। ଏ ସମସ୍ତ ବ୍ୟବସ୍ଥା କ୍ରେଡ଼ିଟ ପ୍ରକ୍ରିୟା ଏବଂ ଋଣ ପ୍ରଦାନ ଧାରାକୁ ତ୍ରୁଟି ମୁକ୍ତ କରିପାରିଛି ଏବଂ ଆର୍ଥିକ ସହାୟତା ଓ ଉଧାରୀ-ସଂଗ୍ରହକୁ ଏହା ଅଧିକ ଫଳପ୍ରଦ କରିପାରିଛି ଯାହାକି ଆର୍ଥିକ ପ୍ରତିଷ୍ଠାନର ବିଶ୍ୱସନୀୟତାକୁ ଆହୁରି ଉର୍ଦ୍ଧ୍ୱକୁ ନେଇପାରିଛି। ଅନେକ ବୃହତ ବ୍ୟାଙ୍କ ସମୂହ ଏହି ଧାରାକୁ ଗ୍ରହଣ ପୂର୍ବକ ଏହାକୁ ନିଜର ପୁଞ୍ଜି କରି ଏଭଳି ଏକ ବ୍ୟାଙ୍କ କୌଶଳକୁ ଆପଣେଇ ଏହାର ସକ୍ଷମତାକୁ ଆହୁରି ବୃଦ୍ଧି କରିପାରିଛନ୍ତି। ମାପକାଠି ଏବଂ ଡ଼ିଜିଟାଲ କ୍ଷମତାର ଏଭଳି ଏକ ସଂଯୋଗୀକରଣ ଯୋଗୁଁ ମାଇକ୍ରୋ କ୍ରେଡ଼ିଟ୍ ଅଧିକରୁ ଅଧିକ ଅଭିବୃଦ୍ଧି ପ୍ରଦର୍ଶନ କରିପାରିଛି।

ଏହା ଏକ ଦୃଷ୍ଟି ଆକର୍ଷଣକାରୀ ବିଷୟ ଯେ, ୫୦ ପ୍ରତିଶତରୁ ଅଧିକ ନୂଆ ସୃଷ୍ଟିକାରୀ ଏହି ନିଉ-ଟୁ-କ୍ରେଡ଼ିଟ୍ (ଏନଟିସି) ଧାରକ ଜରିଆରେ ଏହି ସିଗମେ□ରେ ପ୍ରବେଶ କରିଛନ୍ତି, ଯାହାକି ପ୍ରଭାବଶାଳୀ ଆର୍ଥିକ ସହାୟତା ନିମନ୍ତେ ଆବଶ୍ୟକ ଗୁରୁତ୍ୱପୂର୍ଣ୍ଣ ବୈକଳ୍ପିକ ତଥ୍ୟ ଉତ୍ସକୁ ଅଧିକ ଗୁରୁତ୍ୱାରୋପ କରିପାରିଛି।

## ବିପଦର ପ୍ରାଥମିକ ଚେ଼ତାବନୀ ସଙ୍କେତ (ଇଡ଼ବ୍ଲୁଏସ୍) ସମୂହ


(ଏମ୍ଏସ୍ଏମ୍ଇ ଋଣ ଧାରକଙ୍କ ସହିତ ଅବଗତ ହେବା ଏବଂ ସେମାନଙ୍କର ଏକ ମ□-ଆଧାରିତ ଋଣ ଧାରକଙ୍କୁ ନକଲ କରିବା ସହିତ ଗତି କରିବା ଏବଂ ଏକ ଦାୟିତ୍ୱ ସମ୍ପୂର୍ଣ୍ଣ ସଂସ୍ଥାର କାର୍ଯ୍ୟ ଦକ୍ଷତାକୁ ଧରି ରଖିବା ପାଇଁ ଅଭିନବ ସମାଧାନ ଆବଶ୍ୟକ ହୋଇଥାଏ। ତେଣୁ ଇଡ଼ବ୍ଲୁଏସ ଏକ କ୍ରେଡ଼ିଟ ବିପଦ ପରିଚ୍ଳଳନାର ଅବିଚ୍ଛେଦ୍ୟ ଅଂଶ ହୋଇପାରିବ ଏବଂ ଋଣଦାତା ମାନଙ୍କୁ ପ୍ରତିରୋଧକ କାର୍ଯ୍ୟ ଗ୍ରହଣ ପାଇଁ ଅନୁମତି ଦେଇପାରିବ।) ଏହିଭଳି ଅଭିନବ ସମାଧାନ ଗ୍ରହଣ କରିବା ଋଣଦାତା ମାନଙ୍କୁ ସମୟାନୁବ□ି କାର୍ଯ୍ୟରେ ବିପଦ ହ୍ରାସ କରିବାରେ ସାହାର୍ଯ୍ୟ କରିବ।



# କ୍ରେଡ଼ିଟ୍ ଋହିଦା

ଆର୍ଥିକ ଏବଂ ବ୍ୟବସାୟିକ କାର୍ଯ୍ୟକଳାପର ପୁନଃଉଦ୍ଧାର ବାଣିଜ୍ୟିକ ଋଣଦାତାଙ୍କର କ୍ରେଡ଼ିଟ ଋହିଦା ବୃଦ୍ଧିକୁ ଆହୁରି ଆଗକୁ ନେଇପାରିଛି । ପରଚେ୍ଜିଙ୍ଗ ମ୍ୟାନେଜରସ୍ ଇଣ୍ଡେକ୍ସ (ପିଏମ୍ଆଇ) ଉର୍ଦ୍ଧ୍ୱମୁଖୀ ଅବସ୍ଥାରେ ରହିଛି : ଯାହାକି ଲଗାତାର ଶେଷ ୬ମାସ ମଧ୍ୟରେ ୫୦ରୁ ଅଧିକ ରହିଛି, ଯାହାକି ଉତ୍ପାଦନ / ସେବା କ୍ଷେତ୍ରର ପରିବ୍ୟାପକତାକୁ ସୂଚିତ କରୁଛି । ଏହି ବ୍ୟବସ୍ଥା ମଧ୍ୟ ସମାନ ଭାବରେ କ୍ରେଡ଼ିଟ ଋହିଦା (କ୍ରେଡ଼ିଟ ଅନୁସନ୍ଧାନ ସଂଖ୍ୟାର ମାପକାଠିକୁ ନେଇ) ଉପରେ ପ୍ରତିଫଳିତ ହୋଇଛି ଯାହାକି ସେପ୍ଟେମ୍ବର'୨୨ ସଂଖ୍ୟା ସହିତ ତାଳଦେଇ ବୃଦ୍ଧି ପାଇଛି ଯାହା ଦୁଇବର୍ଷ ତଳର ଋହିଦାର ୧×୭ଗୁଣ ଅନୁପାତରେ ନିକଟତର ହୋଇପାରିଛି ।

## ସୂଚୀବଦ୍ଧ ବାଣିଜ୍ୟିକ କ୍ରେଡ଼ିଟ୍ ଅନୁସନ୍ଧାନ ପରିମାଣ




ସୂଚୀବଦ୍ଧ ଆବ'୨୦-ଦ୍ୱିତୀୟ ତ୍ରୈମାସିକ = ୧୦୦

## ଋଣଦାତାବର୍ଗଙ୍କ ଦ୍ୱାରା କ୍ରେଡ଼ିଟ ଋହିଦା

କ୍ରେଡ଼ିଟ ଋହିଦା ସେପ୍ଟେମ୍ବର'୨୨ ସୁଦ୍ଧା ୨ବର୍ଷ ଭିତରେ ପିଏସବି ସମୂହ ଏବଂ ବ୍ୟାଙ୍କ ଗୁଡ଼ିକ ପାଇଁ ଯଥାକ୍ରମେ ୧.୯ ଗୁଣ ଏବଂ ୧.୬ ଗୁଣ ହିସାବରେ ବିଦ୍ୟମାନ ରହିଛି । ଏମ୍ଏସ୍ଏମ୍ଇ କ୍ଷେତ୍ର ପାଇଁ ଏହାକୁ ସରକାରୀ ତଥା ଅନ୍ୟାନ୍ୟ ଆର୍ଥିକ କ୍ଷେତ୍ରର ଏକ ଅଂଶ ବିଶେଷ ଭାବରେ ଏହାର ଅଭିବୃଦ୍ଧି, ବିକାଶ ଏବଂ ବହୁମୁଖୀ ପରିଋଳିତ ସହାୟତା କାର୍ଯ୍ୟ ପ୍ରଣାଳୀର ଅବଦାନ ତଥା ପ୍ରୟାସ କହିଲେ ଭୁଲ ହେବନାହିଁ । ଏହା ଉଭୟ ସରକାରୀ ଏବଂ ବେସରକାରୀ କ୍ଷେତ୍ର ତରଫରୁ ଡ଼ିଜିଟାଲ ନେଣଦେଣ ପାଇଁ ଏକ ବିଶେଷ ପଦକ୍ଷେପ ଯାହାକି ପୁନର୍ବାର କ୍ରେଡ଼ିଟ ଆବଶ୍ୟକତାକୁ ସ୍ଥାପନ କରିପାରିବ ।

## ଋଣଦାତାବର୍ଗଙ୍କ ଦ୍ୱାରା ସୂଚୀବଦ୍ଧ ବାଣିଜ୍ୟିକ କ୍ରେଡ଼ିଟ ଅନୁସନ୍ଧାନ





ସୂଚୀବଦ୍ଧ ଆବ'୨୦-ଦ୍ୱିତୀୟ ତ୍ରୈମାସିକ = ୧୦୦

# କ୍ରେଡ଼ିଟ ଯୋଗାଣ

ବର୍ଷକୁ ବର୍ଷରେ ଆର୍ଥିକ ବର୍ଷ'୨୩ -ଦ୍ୱିତୀୟ ତ୍ରୈମାସିକରେ ବିତରଣ ହାର ୨୪ ପ୍ରତିଶତ ବୃଦ୍ଧି ପାଇଛି। ଅଣୁ, ସୂକ୍ଷ୍ମ ଏବଂ ମଧ୍ୟମ ସିଗମେଣ୍ଟରେ ବିତରଣ ଅଭିବୃଦ୍ଧି ଯଥାକ୍ରମେ ୫୪ ପ୍ରତିଶତ, ୨୩ ପ୍ରତିଶତ ଏବଂ ୯ ପ୍ରତିଶତ ଦେଖିବାକୁ ମିଳିଛି।

ମାଇକ୍ରୋ ସିଗମେଣ୍ଟରେ ଉଲ୍ଲେଖନୀୟ ଅଭିବୃଦ୍ଧି ସ୍ଥାପିତ କରିଥାଏ ଯେ, ବଜାର ଆକର୍ଷଣର ବୃଦ୍ଧି ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ।


## ଏମ୍‌ଏସ୍‌ଏମ୍‌ଇ ରଣବଣ୍ଟନ ପରିମାଣ (ହଜାର କୋଟି ଟଙ୍କାରେ)




ବିତରଣରେ ନବୀକରଣ ଅନ୍ତର୍ଭୁକ୍ତ ହୁଏନାହିଁ

ଉପସ୍ଥିତି ଅଂଶର ପରିମାଣ ସମସ୍ତ ରଣଦାତାଙ୍କ ମଧ୍ୟରେ ଶେଷ ବର୍ଷ ସହିତ ପ୍ରାୟ ବିସ୍ତୃତ ଭାବରେ ସମାନ ରହିଛି ଏବଂ ଆର୍ଥିକ ବର୍ଷ'୨୩ ଦ୍ୱିତୀୟ ତ୍ରୈମାସିକରେ ବେସରକାରୀ ପ୍ରତିଯୋଗୀତାମାନେ ସର୍ବୋଚ୍ଚ ବଜାର ଅଂଶଧନର ସମସ୍ତ ସିଗମେଣ୍ଟମଧ୍ୟରେ ସଠିକ୍ ଭାବରେ ପରିଚାଳନା କରିଛନ୍ତି। ପିଏସବି ସମୂହ, ପ୍ରାଇଭେଟ ଏବଂ ଏନବିଏଫସି ସମୂହ ମଧ୍ୟରେ ଏହି ବିତରଣ ଧାରା ଯଥାକ୍ରମେ ୨୧ ପ୍ରତିଶତ, ୨୫ ପ୍ରତିଶତ ଏବଂ ୩୪ ପ୍ରତିଶତ ବୃଦ୍ଧି ହୋଇଛି। ମାଇକ୍ରୋ ସିଗମେଣ୍ଟରେ ଏହି ଉପସ୍ଥିତି ଅଂଶଧନ ୨ବର୍ଷ ମଧ୍ୟରେ ପିଏସବି ସମୂହରୁ ପ୍ରାଥଭେଟ ଏବଂ ଏନବିଏଫସି ଗୁଡ଼ିକୁ ସ୍ଥାନାନ୍ତରିତ ହୋଇଛି।


## ରଣଦାତାଙ୍କ ମଧ୍ୟରେ ଉପସ୍ଥିତିର ଅଂଶଧନ ପରିମାଣ



## ହାରାହାରି ଋଣ ଆକାର


ଆର୍ଥିକ ବର୍ଷ’୨୩-ଦ୍ୱିତୀୟ ତ୍ରୈମାସିକରେ ବର୍ଷକୁ ବର୍ଷରେ ଅଣୁ ଏବଂ କ୍ଷୁଦ୍ର ସିଗମେ□ପାଇଁ ହାରାହାରି ଋଣ ଆକାର ଯଥାକ୍ରମେ ୩୪ ପ୍ରତିଶତ ଏବଂ ୪ ପ୍ରତିଶତ ବୃଦ୍ଧି ପାଇଛି ଏବଂ ମଧ୍ୟମ ସିଗମେ□ରେ ୧ ପ୍ରତିଶତ ହ୍ରାସ ପାଇଛି । ଅଣୁ ଏବଂ କ୍ଷୁଦ୍ର ସିଗମେ□ରେ ହାରାହାରି ଋଣ ପରିମାଣ ଯାହା କୋଭିଡ୍ ପରବ□ ଅବସ୍ଥାରେ ଇସିଏଲଜିଏସ୍ ଋଣର ଅଧିକ ଆକର୍ଷଣ ଯୋଗୁଁ ଦୃଷ୍ଟିଗୋଚ଼ର ହେଉଥିଲା, ଏବେ ଏହି ଧାରା ପୁନର୍ବାର କୋଭିଡ୍ ପୂର୍ବସ୍ଥିତିକୁ ଫେରିଯାଇଛି ।

### ଏମ୍ଏସ୍ଏମ୍ଇ ସିଗମେ□ଦ୍ୱାରା ହାରାହାରି ଋଣ ଆକାର (ଲକ୍ଷରେ)




ପ୍ରାଇଭେଟ ପ୍ରତିଯୋଗୀଙ୍କ ପାଇଁ ମାଇକ୍ରୋ ସିଗମେ□ଋଣ ପ୍ରଦାନ ଉପରେ ଅଧିକ ଧ୍ୟାନ ଦିଆଯିବା ଯୋଗୁଁ ବର୍ଷକୁ ବର୍ଷରେ ହାରାହାରି ଋଣ ଆକାର ୧୩ ପ୍ରତିଶତ ହ୍ରାସ ହୋଇଛି । ସେହି ସମୟ ମଧ୍ୟରେ ବର୍ଷକୁ ବର୍ଷ ହାରାହାରି ଋଣ ଆକାର ପିଏସବି ସମୂହ ଏବଂ ଏନବିଏଫସି ସମୂହ ଗୁଡ଼ିକ ପାଇଁ ଯଥାକ୍ରମେ ୪୦ ପ୍ରତିଶତ ଓ ୫ ପ୍ରତିଶତର ବୃଦ୍ଧି ହୋଇଛି । ହାରାହାରି ଋଣ ଆକାର ଯାହା ପିଏସବି ଗୁଡ଼ିକରେ ଇସିଏଲଜିଏସ୍ ଋଣରେ ସର୍ବାଧିକ ଦୃଷ୍ଟି ଗୋଚ଼ର ହୋଇଛି, ସେଗୁଡ଼ିକ ପୁନର୍ବାର କୋଭିଡ୍ ପୂର୍ବ ସଂକ୍ରମଣ ସ୍ଥିତିକୁ ଫେରିଯାଇଛନ୍ତି ।


### ଋଣଦାତାବର୍ଗଙ୍କ ଦ୍ୱାରା ହାରାହାର ଋଣ ଆକାର (ଲକ୍ଷରେ)



## ସିଏମ୍ଆର ଦ୍ୱାରା ଏମ୍ଏସ୍ଏମ୍ଇ ଗୁଡ଼ିକର ଉପ□ବ□ନ


ସମସ୍ତ ଏମ୍ଏସ୍ଏମ୍ଇ ସିଗମେ□ପାଇଁ ବର୍ଷକୁ ବର୍ଷରେ (ଯାହାକି ସର୍ବୋଚ୍ଚ ସ୍ତର ମାଇକ୍ରୋ ସିଗମେ□ରେ ଦେଖାଯାଇଥାଏ) ଉପ□ିର ଅଂଶ ନିମ୍ନ-ବିପଦ-ସ୍ତରଗୁଡ଼ିକ (ସିଏମ୍ଆର ୧-୩) ରେ ପ୍ରତିଶତରୁ ୩୧ ପ୍ରତିଶତ ବୃଦ୍ଧି ପାଇଥାଏ। ଉଚ୍ଚ-ବିପଦ-ସ୍ତର (ସିଏମ୍ଆର ୭-୧୦)ରେ ମଧ୍ୟ ଏକ ଉଲ୍ଲେଖନୀୟ ହ୍ରାସ ସମସ୍ତ ଏମ୍ଏସ୍ଏମ୍ଇ ସିଗମେ□ରେ ପରିଲକ୍ଷିତ ହୋଇଥାଏ ଯାହା ବର୍ଷକୁ ବର୍ଷରେ ୨୪ ପ୍ରତିଶତରୁ ୧୩ ପ୍ରତିଶତ ଅଟେ।

## ଏମ୍ଏସ୍ଏମ୍ଇ ସିଗମେ□ଦ୍ୱାରା ସିଏମଆର ଦ୍ୱାରା ଉପ□ିଶିଳ୍ପର ଅଂଶ




Originations for PSBs and NBFCs in the high-risk tier (CMR 7–10) decreased significantly — primarily driven by a reduction in share of high-risk originations coming from the micro segment.

## ଋଣଦାତାଙ୍କ ପ୍ରକାର ଅନୁସାରେ ସିଏମଆର ଦ୍ୱାରା ଉପ□ିଶିଳ୍ପର ଅଂଶ




## ଅନୁମୋଦିତ ହାର


ଋଣଦାତାଙ୍କ ବିପଦର କ୍ଷୁଧାକୁ ବୁଝିବା ପାଇଁ ଆମେ ଅନୁମୋଦିତ ହାର ପରିଲକ୍ଷିତ କରିପାରିଲେ। ଏହି ଅନୁମୋଦିତ ହାରକୁ କମ୍ପ୍ୟୁଟରିଙ୍ଗ କରିବା ପାଇଁ, ଆମେ ଆସନ୍ତା ୯୦ଦିନ ମଧ୍ୟରେ ଅନୁସନ୍ଧାନ ଏବଂ ଏହାର ଅନୁରୂପ ଉପ୍ତିକୁ ଦେଖିପାରିବା।

ନିମ୍ନ-ବିପଦ-ସ୍ତର (ସିଏମ୍ଆର ୧-୩) ପାଇଁ ଅନୁମୋଦିତ ହାର ବିଗତ ବର୍ଷ ତୁଳନାରେ ପିଏସବି ପାଇଁ ୨୨ ପ୍ରତିଶତ, ପ୍ରାଇଭେଟ ପାଇଁ ୩୯ ପ୍ରତିଶତ ଏବଂ ଏନବିଏଫସି ପାଇଁ ୩୨ ପ୍ରତିଶତରେ ସ୍ଥିର ରହିଛି। ମଧ୍ୟମ-ବିପଦ-ସ୍ତର (ସିଏମଆର ୪-୬) ଅନୁମୋଦିତ ସ୍ତର (ସିଏମ୍ଆର ୭-୧୦) କ୍ଷେତ୍ରରେ ବିଗତ ବର୍ଷ ତୁଳନାରେ ପିଏସବି ଏବଂ ଏନବିଏଫସି କ୍ଷେତ୍ରରେ ସାମାନ୍ୟ ହ୍ରାସ ପାଇଛି। କ୍ରେଡ଼ିଟ୍ ଚାହିଦାର ବୃଦ୍ଧି ସତ୍ତ୍ୱେ ଏନବିଏଫସିର ଏକ ନିମ୍ନ-ବିପଦ-କ୍ଷୁଧା ରହିଛି ଯାହା ଏହାର ଚୟନରେ ବିଶେଷ ସାବଧାନତା ଅବଲମ୍ବନ କରିଥାଏ।

### ମଧ୍ୟମ - ବିପଦ ସ୍ତର (ସିଏମ୍ଆର ୪-୬) ଅନୁମୋଦିତ ମୂଲ୍ୟ ଋଣଦାତାବର୍ଗ ମଧ୍ୟରେ




### ଉଚ୍ଚ ବିପଦସ୍ତର (ସିଏମଆର ୭-୧୦) ଅନୁମୋଦିତ ମୂଲ୍ୟ ଋଣଦାତାବର୍ଗ ମଧ୍ୟରେ



# କ୍ରେଡ଼ିଟ ଅଭିବୃଦ୍ଧି ଏବଂ କାର୍ଯ୍ୟଦକ୍ଷତା


ଅଦ୍ୟାବଧି ଏମ୍ଏସ୍ଏମ୍ଇ ସିଗମେ□ରେ ସମସ୍ତ ବକେୟା ହିସାବ ଆଧାରରେ ଆମେ ଏହାକୁ ଖୋଜିପାରିଛୁ। କିନ୍ତୁ ଏହି ସଂସ୍କରଣତାର କିଛି ଅଂଶ (୧୦ ପ୍ରତିଶତ) ଯାହା ଇଚ୍ଛାନୁମୋଦିତ ଖାତା ସହିତ ଡ଼ିପିଡ଼ିର ୭୨୦ ଦିନରୁ କମ୍ କିମ୍ବା ଏହାକୁ କ୍ଷତିଗ୍ରସ୍ତ /ସନ୍ଦେହାତ୍ମକ ଭାବରେ ବ□ କରାଯାଇଛି। ଏହିପରି ଏମ୍ଏସ୍ଏମ୍ଇ ପଲ୍ସ ପାଇଁ ଆଗକୁ ବିବେଚ଼ନା କରାଯିବାକୁ ଥିବା ସଂସ୍କରଣ ୨୨.୯ ଲକ୍ଷ କୋଟି ଟଙ୍କାରେ ରହିଛି (ଯାହା ସନ୍ଦେହାତ୍ମକ ବର୍ଗରେ ୧.୩ ଲକ୍ଷ କୋଟି ଯଙ୍କା ବିରୁଦ୍ଧରେ ୭୨୦ ଯୁକ୍ତ ଡ଼ିପିଡ଼ି/ ୧.୨ଲକ୍ଷ କୋଟି କ୍ଷତିକୁ ଛାଡ଼ି) ବର୍ଷକୁ ବର୍ଷ ଅଭିବୃଦ୍ଧି ହାର ସହିତ ୧୦.୬ ପ୍ରତିଶତରେ । ସନ୍ଦେହାତ୍ମକ / କ୍ଷତିଗ୍ରସ୍ତ ଖାତା / ସେହି ଖାତା ଯାହା ୭୨୦ ଡ଼ିପିଡ଼ି ୨୫.୩ ଲକ୍ଷ କୋଟି ଟଙ୍କା ଅଟେ।

ଆର୍ଥିକ ବର୍ଷ'୨୨ରେ ସମୁଦାୟ ସନ୍ଦେହାତ୍ମକ / କ୍ଷତିଗ୍ରସ୍ତ ଖାତା / ସେହି ଖାତା ଯାହା ୭୨୦ ଡ଼ିପିଡ଼ି ପରେ ମଧ୍ୟ ରହିଥାଏ ସେହି ବକେୟା ହିସାବ ପରିମାଣ ୨.୪୬ ଲକ୍ଷ କୋଟି ଟଙ୍କାରେ ସ୍ଥିର ରହିଛି। ବ□ମାନର ସମୁଦାୟ ପରିମାଣ ମଧ୍ୟରୁ ଆର୍ଥିକ ବର୍ଷ ୧୯ରେ ମଧ୍ୟ ଏହି ପରିମାଣ ୧.୭୯ ଲକ୍ଷ କୋଟି ଟଙ୍କା (ସମୁଦାୟର ୭୩ ପ୍ରତିଶତ) ୯୦ ଯୁକ୍ତ ଡ଼ିପିଡ଼ି ରହିଥିଲା। ତେଣୁ, ଏଗୁଡ଼ିକ ହେଉଛି ଇଚ୍ଛାନୁମୋଦିତ ଡ଼ିଫଲ୍ଟ ଘଟଣା ଯାହା ଏମ୍ଏସ୍ଏମ୍ଇ ସିଗମେ□ରେ ବ□ମାନ ବକେୟା ମୂଲ୍ୟକୁ ପ୍ରକୃତରେ ପ୍ରତିଫଳିତ ହୋଇନଥାଏ।

୨୨.୯ ଲକ୍ଷ କୋଟି ଟଙ୍କାର ଏହି ହିସାବ ଯେଉଁ ଖାତାରୁ ଆସିଅଛି ସେ ମଧ୍ୟରେ ରହିଛି ୭.୯ ଲକ୍ଷ କୋଟି ଟଙ୍କା ପିଏସବି ସମୂହରୁ, ୧୦.୧ ଲକ୍ଷ କୋଟି ଟଙ୍କାର ପ୍ରାଇଭେଟରୁ ତଥା ୩.୧ ଲକ୍ଷ କୋଟି ଯଙ୍କା ଏନବିଏଫସି ସମୂହରୁ ଆସିଥିବା ବେଳେ ବଳକା ଅନ୍ୟାନ୍ୟ ଖାତାର ଅନ୍ତର୍ଭୁକ୍ତ ଅଟେ। ଛୋଟ ସିଗମେ□ଏମ୍ଏସ୍ଏମ୍ଇ ଖାତାରେ ୯.୫ ଲକ୍ଷ କୋଟିର ଉଚ୍ଚ ସମାନୁପାତିକ ଥିବା ବେଳେ ଅଣୁ ତଥା ମଧ୍ୟମ ସିଗମେ□ରେ ଯଥାକ୍ରମେ ୫.୮ ଲକ୍ଷ କୋଟି ଟଙ୍କା ଏବଂ ୭.୬ ଲକ୍ଷ କୋଟି  ଟଙ୍କା ରହିଛି।

ଏହି କ୍ରେଡ଼ିଟ ଅଭିବୃଦ୍ଧି ଏମ୍ଏସ୍ଏମ୍ଇ ଋଣଦାତାଙ୍କର ସମସ୍ତ ଉପ-ସିଗମେ□ରେ ପରିଲକ୍ଷିତ ହୋଇଅଛି : ହିସାବକୁ ନେଲେ ବର୍ଷକୁ ବର୍ଷରେ ଅଣୁ ଅଭିବୃଦ୍ଧି ୧୩ ପ୍ରତିଶତ ରହିଥିବା ବେଳେ ଯଥାକ୍ରମେ ଏହି ଅଭିବୃଦ୍ଧି ହାର କ୍ଷୁଦ୍ର ଏବଂ ମଧ୍ୟମ ସିଗମେ□ରେ ୧୦ ପ୍ରତିଶତ ଏବଂ ୮ ପ୍ରତିଶତ ରହିଛି। ବର୍ଷକୁ ବର୍ଷରେ ବକେୟା ହିସାବ ଯଥାକ୍ରମେ ୬ ପ୍ରତିଶତ ପିଏସବି ଗୁଡ଼ିକରେ, ୧୮ ପ୍ରତିଶତ ପ୍ରାଇଭେଟ ବ୍ୟାଙ୍କ ତଥା ୩ ପ୍ରତିଶତ ଏନବିଏଫସି ଗୁଡ଼ିକରେ ବୃଦ୍ଧି ପାଇଛି।

## ଏମ୍ଏସ୍ଏମ୍ଇ କ୍ରେଡ଼ିଟ୍ ଉପସ୍ଥାପନ (ଲକ୍ଷ କୋଟି ଟଙ୍କାରେ)







## ଅବହେଳିତ ହାର

ଏନପିଏ ହାର (୯୦ଯୁକ୍ତ ଡ଼ିପିଡ଼ି) ୧୨.୫ ପ୍ରତିଶତ ଯାହା ଆମେ ଦେଖିଛୁ ଏକ ଐତିହାସିକ ପଦକ୍ଷେପ, ଯାହାକି ପୁରୁଣା ଡ଼ିପିଡ଼ି ଖାତାଗୁଡ଼ିକୁ ପ୍ରଦାନ କରାଯାଇଥାଏ ଯାହାକିଚ ଏମ୍‌ଏସ୍‌ଏମ୍‌ଇକୁ ଏକ ଉଚ୍ଚ ବିପଦପୂର୍ଣ୍ଣ ବ୍ୟବସାୟ ଭାବରେ ପ୍ରଦର୍ଶିତ କରିଥାଏ। ଏହି ଖାତାକୁ ଗ୍ରହଣପୂର୍ବକ, ନୂଆ ସଂଜ୍ଞା ଆଧାରରେ (ଅର୍ଥାତ୍ ସନ୍ଦେହାତ୍ମକ ବର୍ଗ, କ୍ଷତି ଏବଂ ୭୨୦ ଯୁକ୍ତ ଡ଼ିପିଡ଼ି ଖାତାକୁ ସାମିଲ ନକରି) ଏହି ଅବହେଳିତ ହାର ଆର୍ଥିକ ବର୍ଷ '୨୩-ଦ୍ୱିତୀୟ ତ୍ରୈମାସିକ ପାଇଁ ସର୍ବନିମ୍ନ ୩ ପ୍ରତିଶତ ଅଟେ। ଅବହେଳିତ ହାର ଗୁଡ଼ିକ ପୂର୍ବ ବର୍ଷ ଏହି ସମୟ ମଧ୍ୟରେ ସମାନ ୪.୪ ପ୍ରତିଶତ ରହିଛି ଯାହାକି ପରବ□ ଅବସ୍ଥାରେ ଏକ ଅବିରତ ହ୍ରାସକୁ ସୂଚଉଅଛି।

### ଅବହେଳିତ ହାର





କ୍ଷତିକୁ ସବୁ ହିସାବରୁ ଦୂରେଇ ରଖାଯାଇଛି




## ଋଣଦାତାଙ୍କ ପ୍ରକାର ଦ୍ୱାରା ଅବହେଳିତ ହାର : ୯୦ଯୁକ୍ତ ଡ଼ିପିଡ଼ି

ବର୍ଷ ପରେ ବର୍ଷ ତୁଳନାତ୍ମକ ଭାବରେ, ଏହି ଅବହେଳିତ ହାର ତିନୋଟି ଋଣଦାତାବର୍ଗ ମଧ୍ୟରେ ହ୍ରାସ ପାଇବାରେ ଲାଗିଛି – ପ୍ରାଇଭେଟ ସିଗମେ□ରେ ଏହି ହ୍ରାସ ପରିମାଣର ସର୍ବାଧିକ ଚିତ୍ର ଆର୍ଥିକ ବର୍ଷ’୨୨-ଦ୍ୱିତୀୟ ତ୍ରୈମାସିକରେ ୨.୮ ପ୍ରତିଶତ ଥିବା ବେଳେ ଆର୍ଥିକ ବର୍ଷ’୨୩-ଦ୍ୱିତୀୟ ତ୍ରୈମାସିକରେ ଏହା ୧.୫ ପ୍ରତିଶତ ରହିଛି।

### ଋଣଦାତାଙ୍କ ପ୍ରକାର ଦ୍ୱାରା ଅବହେଳିତ ହାର





### ଅବହେଳିତ ହାର ଏମ୍‌ଏସ୍‌ଏମ୍‌ଇ ସିଗମେ□ହାର



## ପୋର୍ଟଫୋଲିଓ ବନାମ ଅବହେଳିତ ମଧ୍ୟରେ ତୁଳନା

ବର୍ତ୍ତମାନର ବକେୟା ହିସାବ ଅନୁସାରେ ସେପ୍ଟେମ୍ବର'୨୨ ସୁଦ୍ଧା ୧୦ଟି ମୁଖ୍ୟ ରାଜ୍ୟର ଅବଦାନ ୭୨ ପ୍ରତିଶତ ଅଟେ। ବର୍ତ୍ତମାନର ଅବହେଳିତ ହାରକୁ ଦୃଷ୍ଟିରେ ନେଇ ସେଇ ୧୦ଟି ମୁଖ୍ୟ ରାଜ୍ୟ ମଧ୍ୟରୁ ଗୁଜରାଟର ଅଭିବୃଦ୍ଧି ସର୍ବାଧିକ ୧୫ ପ୍ରତିଶତ ଥିବା ବେଳେ ରାଜସ୍ଥାନର ଅବହେଳିତ ଦୃଶ୍ୟପଟ ସର୍ବନିମ୍ନ ସ୍ତରରେ ରହିଛି।

### ପୋର୍ଟଫୋଲିଓ ବାନମ ବର୍ତ୍ତମାନର ଅବହେଳିତ ହାରର ଅଭିବୃଦ୍ଧି







## ଋଣକର୍ତ୍ତା ମାନଙ୍କ ବଣ୍ଟନ

ଏହା ଫଳରେ, ପରିମାଣ ଅନୁଯାୟୀ ଉଚ୍ଚ-ବିପଦ-ପ୍ରତିଷ୍ଠାନର ଅନୁପାତ, ଯାହାକି ସେପ୍ଟେମ୍ବର'୨୧ (ଆର୍ଥିକ ବର୍ଷ'୨୨-ଦ୍ୱିତୀୟ ତ୍ରୈମାସିକ) ସୁଦ୍ଧା ମୋଟ ରହିଥିବା ସଂସ୍ଥା ଗୁଡ଼ିକର ୨୮ ପ୍ରତିଶତ ଥିଲା, ସେପ୍ଟେମ୍ବର'୨୨ରେ ୨୬ ପ୍ରତିଶତକୁ ଖସି ଆସିଥିଲା, ଏହା ଦ୍ୱାରା ସ୍ୱଳ୍ପ ବିପଦ ସଂସ୍ଥାର ଅନୁପାତ ୨୭ ପ୍ରତିଶତରୁ ୩୪ ପ୍ରତିଶତ ସେହି ସମୟସୀମା ମଧ୍ୟରେ ବୃଦ୍ଧି ପାଇଥିଲା।

### ଋଣକର୍ତ୍ତା ବଣ୍ଟନ ପୋଟଫୋଲିଓ ବକେୟା ଦ୍ୱାରା




## ବିପଦଯୁକ୍ତ ପ୍ରୋଫାଇଲ

ସିବିଲ ଏମ୍ଏସ୍ଏମ୍ଇ ର୍ୟାଙ୍କ ପରିବର୍ତ୍ତନ ଋଣ ଗ୍ରହିତାଙ୍କୁ ତଦାରଖ କରୁଥିଲା ଯାହା ଏକ ବର୍ଷରୁ ଉର୍ଦ୍ଧ୍ୱ ସମୟ ସେପ୍ଟେମ୍ବର '୨୧ରୁ ସେପ୍ଟେମ୍ବର'୨୨ ମଧ୍ୟରେ ଆରମ୍ଭ ହୋଇଥିଲା ଏବଂ ଏହି ପରିବର୍ତ୍ତନ ସେହି ର୍ୟାଙ୍କ ବକେଟ ପାଇଁ ତଦାରଖ କରାଯାଉଥିଲା ଯାହା ମଧ୍ୟରେ ଥିଲା ନିମ୍ନବିବାଦ ସିଏମଆର ୧-୩, ମଧ୍ୟମ ବିପଦ ସିଏମଆର ୪-୬ ଏବଂ ଉଚ୍ଚ ବିପଦ ସିଏମଆର ୭-୧୦। ଏଥିରୁ ଅନୁଭୂତ ହେଉଛି ଯେ ସମୁଦାୟ ଋଣ ଗ୍ରହିତାଙ୍କ ମଧ୍ୟରୁ ୩୧ ପ୍ରତିଶତ ଯେଉଁମାନେ କି ସେପ୍ଟେମ୍ବର'୨୧ରେ ସିଏମଆର ୧-୩ ଥିଲେ ସେମାନେ ସେପ୍ଟେମ୍ବର'୨୨ରେ ନିମ୍ନଗାମୀ ବକେଟକୁ ଖସି ଆସିଛନ୍ତି ଏବଂ ସମୁଦାୟ ଋଣଗ୍ରହୀତାଙ୍କ ୧୪ ପ୍ରତିଶତ ଯେଉଁମାନେ ସେପ୍ଟେମ୍ବର'୨୧ରେ ସିଏମଆର ୪-୬ରେ ଥିଲେ ସେମାନେ ମାର୍ଚ୍ଚ'୨୨ରେ ଉର୍ଦ୍ଧ୍ୱ ଗାମୀ ର୍ୟାଙ୍କ ବକେଟକୁ ଉନ୍ନିତ ହୋଇଛନ୍ତି।

### ସେପ୍ଟେମ୍ବର'୨୧ରୁ ସେପ୍ଟେମ୍ବର'୨୨ ମଧ୍ୟରେ ପରିବର୍ତ୍ତିତ ସିଏମଆର ମାପଦଣ୍ଡ

| | | ସେପ୍ଟେମ୍ବର'୨୨ ସୁଦ୍ଧା ସିଏମଆର | | | ନିମ୍ନସ୍ତର | ଉନ୍ନତସ୍ତର | ସମାନ |
|---|---|---|---|---|---|---|---|
| | | ସିଏମଆର ୧-୩ | ସିଏମଆର ୪-୬ | ସିଏମଆର ୭-୧୦ | | | |
| ସେପ୍ଟେମ୍ବର'୨୧ ସୁଦ୍ଧା ସିଏମଆର | ସିଏମଆର ୧-୩ | ୬୯% | ୨୫% | ୬% | ୩୧% | ୦% | ୬୯% |
| | ସିଏମଆର ୪-୬ | ୧୪% | ୬୭% | ୧୯% | ୧୯% | ୧୪% | ୬୭% |
| | ସିଏମଆର ୭-୧୦ | ୨% | ୧୧% | ୮୭% | ୦% | ୧୩% | ୮୭% |

ଠିକ୍ ଏହି ସମୟରେ ଶେଷ ବର୍ଷ ପୋର୍ଟଫୋଲିଓ ପାଇଁ ସମାନ ଧରଣର ଗତିଶୀଳ ଅନୁଭୂତ ହୋଇଥିଲା । ସେପ୍ଟେମ୍ବର'୨୦ରୁ ସେପ୍ଟେମ୍ବର'୨୧ ମଧ୍ୟରେ ନିମ୍ନଗାମୀର ପ୍ରତିଶତ ତୁଳନାତ୍ମକ ଭାବରେ ସେପ୍ଟେମ୍ବର '୨୧ରୁ ସେପ୍ଟେମ୍ବର '୨୨ ଠାରୁ ଉଚ୍ଚ ଥିଲା। ସେପ୍ଟେମ୍ବର '୨୦ରୁ ସେପ୍ଟେମ୍ବର'୨୧ ମଧ୍ୟରେ ସିଏମଆର-୩ ବ୍ୟାଣ୍ଡ ମଧ୍ୟରେ ୩୭ ପ୍ରତିଶତର ନିମ୍ନଗାମୀ ଧାରା ଦୃଷ୍ଟି ଗୋଚର ହୋଇଥିଲା ବେଳେ ସିଏମଆର ୪-୬ ବ୍ୟାଣ୍ଡରେ ଏହି ନିମ୍ନଗାମୀ ଧାରା ୩୦ ପ୍ରତିଶତ ଅଟେ।

# ଅଭିବୃଦ୍ଧିର ପରବ□ୀ ଧାରା -ମାଇକ୍ରୋ ସିଗମେ□

ଆର୍ଥିକ ବର୍ଷ ’୨୩ -ଦ୍ୱିତୀୟ ତ୍ରୈମାସିକ ସୁଦ୍ଧା, ୯୩ ପ୍ରତିଶତ ଅନୁଷ୍ଠାନ ଗୁଡ଼ିକ ମାଇକ୍ରୋ (ଏକ କୋଟି ଟଙ୍କା ଧାରା) ସିଗମେ□ରେ ରହିଛି, ଯେଉଁମାନେକି ୧୩ ପ୍ରତିଶତ ବର୍ଷକୁ ବର୍ଷ ଅଭିବୃଦ୍ଧି ହାର ସହିତ ଏମଏସଏମଇ ପୋଟଫୋଲିଓର ୨୫ ପ୍ରତି ଶତକଡ଼ାର ଯୋଗଦାନ ରଖିଛନ୍ତି।

## ସିଗମେ□ଭି□ିକ ବର୍ଷକୁ ବର୍ଷ ଅଭିବୃଦ୍ଧି ଏବଂ ହିସାବର ଯୋଗଦାନ

ମଧ୍ୟମ (୧୦-୫୦କୋଟି) ହିସାବରେ ୧୯ ପ୍ରତିଶତ ବର୍ଷକୁ ବର୍ଷ ଅଭିବୃଦ୍ଧିର ହିସାବ ୬ ପ୍ରତିଶତ

କ୍ଷୁଦ୍ର (୧-୧୦କୋଟି) ହିସାବରେ ୪୧ ପ୍ରତିଶତ ବର୍ଷକୁ ବର୍ଷ ଅଭିବୃଦ୍ଧିର ହିସାବ ୧୦ ପ୍ରତିଶତ

ମାଇକ୍ରୋ (<୧କୋଟି)

ମାଇକ୍ରୋ ୨(୫୦ଲକ୍ଷ-୧କୋୟି) ହିସାବରେ ୮ ପ୍ରତିଶତ ବର୍ଷକୁ ବର୍ଷ ଅଭିବୃଦ୍ଧିର ହିସାବ ୧୧ ପ୍ରତିଶତ

ମାଇକ୍ରୋ (୧୦-୫୦ ଲକ୍ଷ) ହିସାବରେ ୧୨ ପ୍ରତିଶତ ବର୍ଷକୁ ବର୍ଷ ଅଭିବୃଦ୍ଧିର ହିସାବ ୧୫ ପ୍ରତିଶତ

ଅତି କ୍ଷୁଦ୍ର (<୧୦ଲକ୍ଷ) ହିସାବରେ ୫ ପ୍ରତିଶତ

ଅନୁଷ୍ଠାନ ସ୍ତରରେ କ୍ରେଡ଼ିଟ୍ ଆବୃତ ଆଧାରରେ ବାଣିଜ୍ୟିକ ଋଣର ବିଭାଭୀକରଣ।

ମାଇକ୍ରୋ :  ଲକ୍ଷ ଟଙ୍କାରୁ ୫୦ ଲକ୍ଷ ଟଙ୍କା ମଧ୍ୟରେ ଧରି ରଖିବା

ମାଇକ୍ରୋ ୧ : ୧୦ ଲକ୍ଷ ଟଙ୍କାରୁ ୫୦ ଲକ୍ଷ ଟଙ୍କା ମଧ୍ୟରେ ଧରି ରଖିବା

ମାଇକ୍ରୋ ୨: ୫୦ ଲକ୍ଷ ଟଙ୍କାରୁ ୧କୋଟି ଟଙ୍କା ମଧ୍ୟରେ ଧରି ରଖିବା


ଅତିକ୍ଷୁଦ୍ର, ମାଇକ୍ରୋ ୧ ଏବଂ ମାଇକ୍ରୋ ୨ ହିସାବ ଅଭିବୃଦ୍ଧି ଅଭିଜ୍ଞତା ବର୍ଷକୁ ବର୍ଷରେ ଯଥାକ୍ରମେ ୨୦ ପ୍ରତିଶତ ୧୫ ପ୍ରତିଶତ ଏବଂ ୧୧ ପ୍ରତିଶତ ରହିଥିବା ମାଇକ୍ରୋ ଧାରକରେ ହଠାତ୍ ବୃଦ୍ଧି ପରିଲକ୍ଷିତ ହୋଇଥିଲା। ଯାହାକି କେବଳ କୋଭିଡ୍ ସଂକ୍ରମଣ ପରବ□ୀ ସୁଧାର ନୁହେଁ ଅଧିକନ୍ତୁ ଶକ୍ତିଶାଳୀ ଡ଼ିଜିଟାଲ ଭି□ିଭୂମି ଯୋଗୁଁ ସମ୍ଭବ ହୋଇପାରିଛି।

୧୨ ମାସ ବା ଏକ ବର୍ଷର ଉପ୍□ଅଭିଜ୍ଞତା ମଧ୍ୟରେ ୭ ପ୍ରତିଶତର ଉପ୍□ଅତି କ୍ଷୁଦ୍ର ପ୍ରାଇଭେଟ ବ୍ୟାଙ୍କ ସିଗମେ□ମାଇକ୍ରୋ ୧କୁ ସ୍ଥାନାନ୍ତରତା ହୋଇଛି ଏବଂ ୧୪ ପ୍ରତିଶତର ମାଇକ୍ରୋ ୧ ଉପ୍□ସିଗମେ□ ମାଇକ୍ରୋ ୨କୁ ସ୍ଥାନାନ୍ତରଣ ହୋଇଛି ଏବଂ ମାଇକ୍ରୋ ୨ର ୨୧ ପ୍ରତିଶତ ଉପ୍□କ୍ଷୁଦ୍ର ସିଗମେ□କୁ ସ୍ଥାନାନ୍ତରଣ ହୋଇଛି।

ହିସାବରେ ଅଭିବୃଦ୍ଧିକୁ ଦୃଷ୍ଟିରେ ରଖି, ପ୍ରାଇଭେଟ ବ୍ୟାଙ୍କ ଏବଂ ଏନବିଏଫସି ସମୂହ ଗୁଡ଼ିକ ଅତି ଉଚ୍ଚ ସଂଖ୍ୟକ ଅନୁଷ୍ଠାନକୁ ଆପଣେଇ ନେଇଛନ୍ତି ଫଳସ୍ୱରୂପ ଉପ୍□ର ୧୨ ମାସ ପରେ (ଯେମିତିକି ଅତିକ୍ଷୁଦ୍ର ସିଗମେ□ ୧୨ ମାସ ଭିତରେ ମାଇକ୍ରୋ ୧ ସିଗମେ□କୁ ୧୨ ମାସ ଭିତରେ ସ୍ଥାନାନ୍ତରିତ ହୋଇପାରିଛନ୍ତି) ବହୁ ସଂଖ୍ୟକ ଅନୁଷ୍ଠାନ ଉଚ୍ଚମାନର ଉଚ୍ଚ ସିଗମେ□କୁ ଉନ୍ନିତ ହୋଇପାରିଛନ୍ତି। ପ୍ରକୃତରେ ଏହା ମାଇକ୍ରୋ ସିଗମେ□ର କ୍ଷମତାକୁ ପୁନଃ ଦୃଢ଼ିଭୂତ କରୁଛି- ଯାହାକି ଏକଦା ଏହା ଐପଚାରିକ କ୍ରେଡ଼ିଟକୁ ଧରି ରଖିବାରେ ପାଇବାରେ ସଫଳ ହୋଇଥିଲା।




# ମାଇକ୍ରୋ ସିଗମେ□: ଋଣଦାତାବର୍ଗ ଦ୍ୱାରା ଉନ୍ନତିକରଣ




ସମୟ : ୨୦୨୧(ଅପ୍ରେଲ -ସେପ୍ଟେମ୍ବର) ୧୨ ମାସ ପରେ ହିସାବରେ ଉତ୍ପ□ଏବଂ ଅଭିବୃଦ୍ଧି
ଉନ୍ନତିକରଣ : ପରବ□ି ଉଚ୍ଚତର ସିଗମେ□କୁ ଚଳନ

ଉଦାହାରଣ : ଅତି ସୂକ୍ଷ୍ମର ମାଇକ୍ରୋ ୧, ମାଇକ୍ରୋ ୧ରୁ ମାଇକ୍ରୋ ୨ ଯେପରି ୧୨ ମାସ ମଧ୍ୟରେ ହୋଇଅଛି। ଏମଏସଏମଇ ସ୍ଥାନର ନୂଆ ସୃଷ୍ଟିକାରୀ ଏହି ନିଉ-ଟୁ-କ୍ରେଡ଼ିଟ (ଏନଟିସି)କୁ ଦୃଷ୍ଟି ଦିଆଯାଇଛି। ଆର୍ଥିକ ବର୍ଷ'୨୩-ଦ୍ୱିତୀୟ ତ୍ରୈମାସିକରେ ଏନଟିସି ଏକ ନୂଆ ଉତ୍ପ□ିର ପ୍ରତିଶତ ଭାବରେ ସମଗ୍ର ଏମଏସଏମଇରେ ନୂଆ ଉତ୍ପ□ ଏନଟିସି ଧାରକଙ୍କ ଜରିଆରୁ ଆସିଅଛି। ଏନଟିସିର ପ୍ରତିଶତ ମାଇକ୍ରୋ ପାଇଁ ପୂର୍ବ-ମହାମାରୀ ସ୍ତରକୁ ଫେରି ଆସିଛି ଏବଂ କ୍ରମାଗତ ଭାବରେ ଉଚ୍ଚ ରହିଛି। ପ୍ରମାଣସ୍ୱରୂପ କ୍ରେଡ଼ିଟ ଋହିଦା ଯେତେବେଳେ ମାଇକ୍ରୋ ସିଗମେ□ପାଇଁ ଉଚ୍ଚ ଅଟେ, ଋଣଦାତା ମାନେ ସମାନ ଭାବରେ ଏଥିପାଇଁ ସେହି କ୍ଷେତ୍ରରେ କ୍ରିୟାଶୀଳ ହୋଇଯାଆନ୍ତି।


## ମାଇକ୍ରୋରେ ଏନଟିସି ନୂତନ ଉତ୍ପ□ିର ପ୍ରତିଶତ



# ମାଇକ୍ରୋ ସିଗମେ□: ଏନଟିସି ବନାମ ଇଟିସି

ଆମେ ଏବେ ଏନଟିସି / ଇଟିସିର ବିଭିନ୍ନ ଦିଗକୁ ଧାରକଙ୍କ ସହିତ କ୍ରେଡ଼ିଟ ଇତିହାସ ପ୍ରତିଷ୍ଠାକୁ ନେଇ ଇଟିସି ସିଗମେ□ଗଠିତ। ଏହାକୁ ତୂଳାଇବା ପାଇଁ ଅକ୍ଟୋବର'୨୦ ଏବଂ ମାର୍ଚ୍ଚ'୨୧ ମଧ୍ୟରେ ଉତ୍ପତ୍ତିକୁ ଗ୍ରହଣ କରାଯାଇଥାଏ। ଇଟିସି ପାଇଁ କେବଳ ସେହି ଧାରକଙ୍କୁ ଯାହାର ଅନ୍ତତଃପକ୍ଷେ ଦୁଇବର୍ଷର ପୂର୍ବ ଇତିହାସ ରହିଥିବ ସେମାନଙ୍କୁ ନିଆଯାଇଥାଏ ଏବଂ ଏନଟିସି ସହିତ ଲାଇକ-ଟୁ-ଲାଇକ ସମାନ ତୁଳନା ପାଇଁ ମାଇକ୍ରୋ ମଧ୍ୟରେ ସିଏମଆର ର୍ୟାଙ୍କ ଏବଂ ଉପ-ସିଗମେ□ଅନୁଯାୟୀ ନମୁନା କରାଯାଇଛି। ଇଟିସି ସହିତ ତୁଳନାରେ ଏନଟିସି ସିଗମେ□ର ଏକ ଉଚ୍ଚତର କମ୍ ଟିକେଟ ଆନୁପାତ ଧାରକ ଅଛି; ଏନଟିସି ଧାରକର ୬୧ ପ୍ରତିଶତ ପ୍ରାଥମିକ ଟିକେଟ ଆୟତନ ଏକଲକ୍ଷ ଟଙ୍କାରୁ କମ୍ ଅଛି।

## ଟିକେଟ ଆୟତନ ହିସାବରେ ଏନଟିସି ବନାମ ଇଟିସି ବ□ନ





ଅକ୍ଟୋବର'୨୦-ମାର୍ଚ୍ଚ'୨୧ ମଧ୍ୟରେ ଉତ୍ପତ୍ତିକୁ ବିବେଚ୍ନା କରାଯାଏ।

ମାର୍ଚ୍ଚ'୨୧ ସୁଦ୍ଧା ଇଟିସି ଧାରକଙ୍କ ସହିତ ସର୍ବନିମ୍ନ ଦୁଇ ବର୍ଷର ଇତିହାସ ବିବେଚ୍ନା ହୋଇଛି।

ଇଟିସି ଏବଂ ଏନଟିସିର ବିଭିନ୍ନ ପ୍ରକାର ବିପଦର ପ୍ରୋଫାଇଲ ରହିଛି। ମଧ୍ୟମ ବିପଦ ସ୍ତର (ସିଏମଆର ୪-୬)ରେ ଏନଟିସି ପାଇଁ ପ୍ରଥମ ସିଏମଆର ସୃଷ୍ଟି ହୋଇଛି ପ୍ରାୟ ପ୍ରତ୍ୟେକ ଧାରକଙ୍କ ପାଇଁ (~୭୨ ପ୍ରତିଶତ) ଯେଉଁଠାରେ ୪୬ ପ୍ରତିଶତର ଧାରକ ଇତିହାସ ପ୍ରତିଷ୍ଠା ସହିତ ମଧ୍ୟମ ସ୍ତରରେ ରହିଛନ୍ତି।

## ସିଏମଆର ହିସାବରେ ଏନଟିସି ବନାମ ଇଟିସି ବ□ନ





ଏନଟିସି ଏବଂ ଇଟିସି ଗ୍ରାହକଙ୍କର ବିଭିନ୍ନ ପ୍ରକାର ପ୍ରୋଫାଇଲରେ ଥିବା ପାର୍ଥକ୍ୟକୁ ଦୃଷ୍ଟିରେ ରଖି, ଏହି ଜାଗାରେ ବୃଦ୍ଧି ପାଉଥିବା ବିକଳ୍ପ ତଥ୍ୟ ଉତ୍ସଗୁଡ଼ିକୁ ଏନଟିସିର ପ୍ରଭାବଶାଳୀ ଦାୟିତ୍ୱ ଗ୍ରହଣ ପାଇଁ ବିବେଚ୍ନା କରାଯାଉଛି। ଆର୍ଥିକ ଅଭିବୃଦ୍ଧି ପାଇଁ ଆନୁଷ୍ଠାନିକ କ୍ରେଡ଼ିଟରେ ମାଇକ୍ରୋର ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ଅଟେ ଏବଂ ନୂତନ ସଂସ୍ଥା ଗୁଡ଼ିକୁ ଠିଆ କରାଇବା ସେମାନଙ୍କୁ ଦୀର୍ଘକାଳୀନ ଋଣ ଇତିହାସ ନିର୍ମାଣ କରିବାରେ ସାହାଯ୍ୟ କରେ।

ଏଫଆଇଟି ର୍ୟାଙ୍କ ଏକ କ୍ରେଡ଼ିଟ ଖିଲାପୀ ସୂଚ୍ୀତ ମଡ଼େଲ ଅଟେ, ଯାହା ଦ୍ରବ୍ୟ ଏବଂ ସେବା କର (ଜିଏସଟି) କ୍ଷମତାକୁ ବ୍ୟବହାର କରିଥାଏ, ବ୍ୟାଙ୍କ ତଥ୍ୟ ତଥା ଆୟକର ରିଟର୍ଣ୍ଣ (ଆଇଟିଆର) ସୂଚ୍ନା ପ୍ରଦାନ କରିଥାଏ ଯାହା ଏମଏସଏମଇ ଋଣଦାତାଙ୍କୁ ଏକ ମଡ଼େଲ ର୍ୟାଙ୍କିଙ୍ଗ ପ୍ରଦାନ କରିଥାଏ। ଏହି ର୍ୟାଙ୍କିଙ୍ଗ ମଡ଼େଲ ଯାନ୍ତ୍ରିକ ଶିକ୍ଷା ଆଲଗୋରିଦମ ବ୍ୟବହାର କରିଥାଏ ଆସନ୍ତା ୧୨ ମାସ ମଧ୍ୟରେ ଏମଏସଏମଇର ସମ୍ଭାବ୍ୟ ଏନପିଏ (ନନ-ପରଫରିମିଙ୍ଗ-ଆସେଟ)କୁ ସୂଚ୍ୀତ କରିବା ପାଇଁ। ଏଫଆଇଟି ର୍ୟାଙ୍କ ୧ ଏବଂ ୧୦:୧ ଅନୁପାତ ଭିତରେ ସ୍କୋର କରିଥାଏ ଏକ କମ୍ ବିପଦ ସିଗମେ□ରେ ରହିବା ପାଇଁ।

ଏଫଆଇଟି ର୍ୟାଙ୍କ ଏକ ଏମଏସଏମଇ ପାଇଁ ଯଥାକ୍ରମେ ଆର୍ଥିକ, ରୋଜଗାର ଏବଂ ବ୍ୟବସାୟିକ ତଥ୍ୟ ଏହିଭଳି ତ୍ରିକୋଣୀୟ ସୂଚ୍ନା ଦେଇଥାଏ ଯାହାକି ଏମଏସଏମଇର ଋଣ ପ୍ରକ୍ରିୟାକୁ ଆହୁରି ଅଧିକ ବିଭିନ୍ନ ବିପଦରୁ ଦୂରେଇ ଆଗକୁ ନେବା ତଥା କ୍ରେଡ଼ିଟ ଦାୟିତ୍ୱ ସମ୍ପର୍ଣ୍ଣତାକୁ ଆହୁରି ଦୃଢ଼ କରିବାରେ ସହାୟ ହୋଇଥାଏ। ଏହିପରି ଭାବରେ ଏନଟିସି ସିଗମେ□ରେ ଏହା ଏକ ଯନ୍ତ୍ରାଂଶ ଭଳି କାମ କରିବାର ପ୍ରମାଣ ଦେଖାଇଥାଏ ଯାହା ସୂଚ୍ନାକୁ ଆହୁରି ଅଧିକ ବୃଦ୍ଧି କରିବା ସହିତ ଅଭିବୃଦ୍ଧି ଏବଂ ମିଶ୍ରଣତାକୁ ସାମିଲ କରିଥାଏ।

## ଏଫଆଇଟି ର୍ୟାଙ୍କ – ଖିଲାପର ସମ୍ଭାବ୍ୟତା




ସିଲମଆର ବାନମ ଏଫଆଇଟି ର୍ୟାଙ୍କର କାର୍ଯ୍ୟ ସମ୍ପାଦନତା ବିପଦର ଫାଟକୁ ଆହୁରି ଭଲ ଭାବରେ ଦେଖାଇଥାଏ ଏହି କ୍ଷମତା ଆହୁରି ଆଗକୁ ଯାଇ ଅଧିକ ବିସ୍ତାରିତ ହୋଇଥାଏ। ସିଏମଆର ୧-୩ର ଖରାପ ହାର ୨.୨ ପ୍ରତିଶତରେ ରହିଥାଏ, କିନ୍ତୁ ସେହି ଜନସଂଖ୍ୟା ମଧ୍ୟରେ, ଆମକୁ ଦେଖିବାକୁ ମିଳିଥାଏ ଖରାପ ହାରର ପକେଟ ଯାହା ସର୍ବନିମ୍ନ ୧.୧ ପ୍ରତିଶତ (ଏଫଆଇଟି ୧-୩) ଏବଂ ସର୍ବୋଚ୍ଚ ୬.୩ ପ୍ରତିଶତ (ଏଫଆଇଟି ୯-୧୦) ମଧ୍ୟରେ।

## ଏଫଆଇଟି ର୍ୟାଙ୍କ -କ୍ରସ ଟାବ ସହିତ ସିଏମଆର

| ଖରାପ ହାର | | ସିବିଲ ଏମଏସଏମଇ ସ୍ତର | | | | |
|---|---|---|---|---|---|---|
| | | ନିମ୍ନ (ସିଏମଆର ୧-୩) | ମଧ୍ୟମ (ସିଏମଆର ୪-୬) | ଉଚ୍ଚ (ସିଏମଆର ୭-୧୦) | କ୍ରେଡ଼ିଟ ପାଇଁ ନୂଆ | ମୋଟାମୋଟି |
| ଏଫଆଇଟି ର୍ୟାଙ୍କ | ନିମ୍ନ (ଏଫଆଇଟି ୧-୩) | ୧.୧% | ୧.୭% | ୧୨.୧% | ୧.୫% | ୨.୧% |
| | ମଧ୍ୟମ (ଏଫଆଇଟି ୪-୮) | ୨.୧% | ୩.୮% | ୧୬.୪% | ୩.୨% | ୪.୪% |
| | ଉଚ୍ଚ (ଏଫଆଇଟି ୯-୧୦) | ୬.୩% | ୯.୩% | ୨୭.୮% | ୧୧.୧% | ୧୨.୭% |
| | ମୋଟାମୋଟି | ୨.୨% | ୪.୭% | ୧୯.୮% | ୪.୦% | ୫.୪% |

# ବିପଦର ପ୍ରାଥମିକ ଚେ଼ତାବନୀ ସଂକେତ ସମୂହ


ଏମ୍‌ଏସ୍‌ଏମ୍‌ଇ ଋଣ ଧାରକଙ୍କ ସହିତ ଅବଗତ ହେବା ଏବଂ ସେମାନଙ୍କର ଏକ ମ□-ଆଧାରିତ ଋଣ ଧାରକଙ୍କୁ ନକଲ କରିବା ସହିତ ଗତି କରିବା ଏବଂ ଏକ ଦାୟିତ୍ୱ ସମ୍ପୂର୍ଣ୍ଣ ସଂସ୍ଥାର କାର୍ଯ୍ୟ ଦକ୍ଷତାକୁ ଧରି ରଖିବା ପାଇଁ ଅଭିନବ ସମାଧାନ ଆବଶ୍ୟକ ହୋଇଥାଏ। ତେଣୁ ଇଡ଼ବ୍ଲୁଏସ ଏକ କ୍ରେଡ଼ିଟ ବିପଦ ପରିଚ଼ାଳନାର ଅବିଚ୍ଛେଦ୍ୟ ଅଂଶ ହୋଇପାରିବ ଏବଂ ଋଣଦାତା ମାନଙ୍କୁ ପ୍ରତିରୋଧକ କାର୍ଯ୍ୟ ଗ୍ରହଣ ପାଇଁ ଅନୁମତି ଦେଇପାରିବ।

କ୍ରେଡ଼ିଟ ଭିଜନ ଟ୍ରେଣ୍ଡ ଆଲଗୋରିଦମ ତଥା ଗୁଣଗୁଡ଼ିକ ଗୋଟିଏ ସଂସ୍ଥାର ପ୍ରାଥମିକ ଚେ଼ତାବନୀର ଚ଼ିହ୍ନଟ ପାଇଁ ବ୍ୟବହୃତ ହୋଇପାରେ ଏବଂ ଯଦି ଠିକ୍ ସମୟରେ କାର୍ଯ୍ୟାନୁଷ୍ଠାନ ନିଆଯାଏ, ତେବେ ସୃଷ୍ଟ ବିପଦକୁ ହ୍ରାସ କରାଯାଇପାରିବ।

ସେପ୍ଟେମ୍ବର'୨୧ (୦ଡ଼ିପିଡ଼ି) ସୁଦ୍ଧା ଏମଏସଏମଇ ପୋର୍ଟଫୋଲିଓକୁ ବିଶ୍ଳେଷଣ ପାଇଁ ଗ୍ରହଣ କରାଯାଇଥିଲା ଆଗାମୀ ୧୨ ମାସ (୯୦ରୁ ଅଧିକ ଡ଼ିପିଡ଼ି) ପାଇଁ ଏହାର କାର୍ଯ୍ୟ ଦକ୍ଷତାକୁ ନେଇ ଯାହାକି କ୍ରେଡ଼ିଟ ଭିଜନ ଟ୍ରେଣ୍ଡ ଆଲଗୋରିଦମ ମଧ୍ୟରେ ମାପ କରାଯାଇଛି।


ଗତ ୨୪ ମାସ ଭିତରେ କ୍ରମାଗତ ଭାବରେ କ୍ରେଡ଼ିଟ ସୃଷ୍ଟିକାରୀ ଋଣଦାତାମାନେ ସର୍ବାଧିକ ଖରାପ ହାର ପ୍ରଦର୍ଶନ କରିଥିଲେ, ଯାହାକି ପରବ□ ୧୨ ମାସ ମଧ୍ୟରେ ଏହି ଶ୍ରେଣୀର ହିସାବ ସୃଷ୍ଟିକାରୀଙ୍କ ମଧ୍ୟରେ ସମ୍ଭାବ୍ୟ ଖିଲାପକାରୀ ହୋଇପାରନ୍ତି।

## ସର୍ବଦା ୯୦ ଥିବା ୧୨ ମାସ : ହିସାବର ଧିର ବିକାଶ (ଶେଷ ୨୪ ମାସର)





ଏପରିକି ବ□ମାନର ଅବହେଳିତ (ବିଶ୍ଳେଷର ମାସ) ସହିତ ୦ ଡ଼ିପିଡ଼ିକୁ ନେଇ, ଶେଷ ୧୨ ମାସରେ ଗୋଟିଏ ଉଚ୍ଚ ସଂଖ୍ୟାର ଛାଡ଼ି ଯାଇଥିବା ଭୁକ୍ତାନ ଯାହା ଉଚ୍ଚ ମାତ୍ରାର ଖିଲାପି ହାରକୁ ପ୍ରଦର୍ଶିତ କରିଥାଏ।

## ସର୍ବଦା ୯୦ ଥିବା ୧୨ ମାସ : ଛାଡ଼ି ଯାଇଥିବା ଭୁକ୍ତାନ ଅନୁପାତ (ଶେଷ ୧୨ ମାସର)




ଆମେ ଉପରେ ଦର୍ଶାଯାଇଥିବା ମିଶ୍ରଣ ଏବଂ ସୂଚ଼କ ଯାହା ପ୍ରକୃତ ଖିଲାପକୁ ଆରମ୍ଭ କରିବା ପୂର୍ବରୁ ସମ୍ଭାବ୍ୟ ଏନପିଏ ମାମଲା ଗୁଡ଼ିକୁ ଚ଼ିହ୍ନଟ କରିବାରେ ସାହାଯ୍ୟ କରେ ତାକୁ ଦୃଷ୍ଟିରେ ରଖିଥାଉ। ସିଗମେ□ସନ ତଳେ ଏହି ମାନଦଣ୍ଡ ଗୁଡ଼ିକ ମଧ୍ୟରୁ କେତେକକୁ କିପରି ଏକତ୍ର କରାଯାଇପାରିବ ଏବଂ ବିପଦର ପୂର୍ବାନୁମାନ କରିବାକୁ ବ୍ୟବହାର କରାଯାଇପାରିବ ତାହାର ଏକ ଉଦାହରଣ। ବିପଦର ପ୍ରାଥମିକ ଚେ଼ତାବନୀ ବକେଟ ଏକରୁ ଚ଼ାରି ପର୍ଯ୍ୟନ୍ତ ଖିଲାପି ସମ୍ଭାବ୍ୟ ମାମଲା ଗୁଡ଼ିକୁ ଶ୍ରେଣୀଭୁକ୍ତ କରିବା ପାଇଁ ସୃଷ୍ଟି କରାଯାଇଛି (ନିମ୍ନ ବ୍ୟାଣ୍ଡ ନିମ୍ନ ବିପଦ ସୂଚ଼ିତ କରିଥାଏ) ଇଡ଼ବ୍ଲୁଏସ ୪ ଅଧିନରେ ଥିବା ବାସ ମଧ୍ୟରୁ ସେପ୍ଟେମ୍ବର'୨୧ରୁ ୧୨ ମାସ ମଧ୍ୟରେ ୧୦ ପ୍ରତିଶତ ୯୦ ଯୁକ୍ତକୁ ଯାଇଛି।

## ସର୍ବଦା ୯୦ ପରବ￼ ୧୨ ମାସରେ ଇଡ଼ବ୍ଲୁଏସ ବଜେଟ ଅନୁଯାୟୀ




ଋଣକର୍ତ୍ତା ଆଧାରରେ : ସେପ୍ଟେମ୍ବର'୨୧ (ଟିଓ) ସୁଦ୍ଧା ଏମଏସଏମଇ ଖାତା ସହିତ ସିଏମଆର ୧-୬ ଏବଂ ୦ଡ଼ିପିଡ଼ିର କାର୍ଯ୍ୟଧାରା : ଟିଓରୁ ୧୨ ମାସରେ ୯୦ଯୁକ୍ତ

ସିଏମଆର ବନାମ ଇଡ଼ବ୍ଲୁଏସ କାର୍ଯ୍ୟ ଧାରା ସୂଚିତ କରୁଅଛି ଯେ ଏପରିକି ବିପଦ-ବିସ୍ତାରିତ ଭିଡ଼ରେ ମଧ୍ୟ ସକ୍ଷମତା ଆହୁରି ବୃଦ୍ଧି ପାଇଛି। ସିଏମଆର ୧-୩ ପାଇଁ ଦୁର୍ବଳ ହାର ୨.୧ ପ୍ରତିଶତରେ ରହିଛି, କିନ୍ତୁ ଏପରିକି ସେହି ଜନସଂଖ୍ୟାରେ, ଆମକୁ ପକେଟ ସହିତ ଦୁର୍ବଳ ହାର ସର୍ବନିମ୍ନ ୦.୮ ପ୍ରତିଶତ (ଇଡ଼ବ୍ଲୁଏସ ୧) ଏବଂ ସର୍ବୋଚ୍ଚ ୪.୦ ପ୍ରତିଶତ (ଇଡ଼ବ୍ଲୁଏସ ୪) ଦେଖିବାକୁ ମିଳିଛି।

## ସିବିଏଲ ଏମଏସଏମଇ ର୍ୟାଙ୍କ ଉପରେ ଅତିରିକ୍ତ ଭିନ୍ନତାର ବିଭିନ୍ନତା

| ଜନସଂଖ୍ୟା ବ￼ନ | | ସିଏମଆର ସ୍କୋର ବାଣ୍ଟ | | |
|---|---|---|---|---|
| | | ସିଏମଆର ୧-୩ | ସିଏମଆର ୪-୬ | ମୋଟାମୋଟି |
| ଝୁଁକି ସ୍ତର | ଇଡ଼ବ୍ଲୁଏସ୧ | ୪.୨% | ୪% | ୮.୩% |
| | ଇଡ଼ବ୍ଲୁଏସ୨ | ୧୦.୪% | ୧୬.୭% | ୨୭.୨% |
| | ଇଡ଼ବ୍ଲୁଏସ୩ | ୭.୦% | ୨୪.୨% | ୩୧.୨% |
| | ଇଡ଼ବ୍ଲୁଏସ୪ | ୪.୦% | ୨୯.୪% | ୩୩.୩% |
| | ମୋଟାମୋଟି | ୨୫.୬% | ୭୪.୪% | ୧୦୦.୦% |

| କାର୍ଯ୍ୟଧାରା (ଆସନ୍ତା ୧୨ମାସରେ ସର୍ବଦା ୯୦) | | ସିଏମଆର ସ୍କୋର ବାଣ୍ଟ | | |
|---|---|---|---|---|
| | | ସିଏମଆର ୧-୩ | ସିଏମଆର ୪-୬ | ମୋଟାମୋଟି |
| ଝୁଁକି ସ୍ତର | ଇଡ଼ବ୍ଲୁଏସ୧ | ୦.୮% | ୦.୯% | ୦.୮% |
| | ଇଡ଼ବ୍ଲୁଏସ୨ | ୧.୮% | ୩.୩% | ୨.୭% |
| | ଇଡ଼ବ୍ଲୁଏସ୩ | ୨.୪% | ୪.୫% | ୪.୦% |
| | ଇଡ଼ବ୍ଲୁଏସ୪ | ୪.୦% | ୧୦.୯% | ୧୦.୦% |
| | ମୋଟାମୋଟି | ୨.୧% | ୬.୫% | ୫.୪% |

### ପ୍ରତ୍ୟାଖ୍ୟାନ

ଏମଏସଏମଇ ପଲ୍ସର ରିପୋର୍ଟ ଟ୍ରାନ୍ସ ୟୁନିୟନ ସିବିଲ ଲିମିଟେଡ଼ (ଟିୟୁ ସିବିଲ) ଦ୍ୱାରା ପ୍ରସ୍ତୁତ ହୋଇଅଛି। ଏହି ରିପୋର୍ଟକୁ ଗ୍ରହଣ ତଥା ବ୍ୟବହାର କରି ଉପଭୋକ୍ତା ମାନେ ପ୍ରତ୍ୟାଖ୍ୟାନ ମାଧ୍ୟମରେ ଏହାକୁ ସ୍ୱୀକାର ବା ଗ୍ରହଣ କରିପାରନ୍ତି। ଏହି ରିପୋର୍ଟ କ୍ରେଡ଼ିଟ ପ୍ରତିଷ୍ଠାନ ସମୂହ ଯେଉଁମାନେ କି ଟିୟୁ ସିବିଲର ସଦସ୍ୟ ଅଟନ୍ତି। ସେମାନଙ୍କ ସଂଗୃହିତ ସୂଚନା ଆଧାରିତ ଅଟେ। ଯଦିଓ ଏହି ରିପୋର୍ଟ ପ୍ରସ୍ତୁତ କରିବାରେ ଟିୟୁ ସିବିଲ ଯଥାର୍ଥ ଯତ୍ନଶୀଳ ହୋଇଛନ୍ତି। ଟିୟୁ ସିବିଲ ରିପୋର୍ଟର ସଠିକତା ପାଇଁ ଦାୟୀ ନୁହନ୍ତି କାରଣ କ୍ରେଡ଼ିଟ୍ ସଂସ୍ଥା ଗୁଡ଼ିକ ଦ୍ୱାରା ଦାଖଲ ହୋଇଥିବା ସୂଚନା ଦ୍ୱାରା ଏଥିରେ ତ୍ରୁଟି ବା ତ୍ରୁଟିପୂର୍ଣ୍ଣତା ଆସିଥାଇପାରେ। ଅଧିକନ୍ତୁ, ଟିୟୁ ସିବିଲ ରିପୋର୍ଟରେ ଥିବା ସୂଚନାର ସଠିକତା କିମ୍ବା ସମ୍ପୂର୍ଣ୍ଣତା ଏବଂ କୌଣସି ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପାଇଁ ଏହାର ଉପଯୁକ୍ତତାକୁ ଗ୍ୟାରେଣ୍ଟି ଦିଏ ନାହିଁ କିମ୍ବା ରିପୋର୍ଟ ଉପରେ କୌଣସି ପ୍ରବେଶ କିମ୍ବା ନିର୍ଭରଶୀଳତା ପାଇଁ ଦାୟୀ ହୁଏନାହିଁ ସର୍ବୋପରି ଟିୟୁ ସିବିଲ ସମସ୍ତ ଦାୟିତ୍ୱ ସମ୍ପୂର୍ଣ୍ଣତାକୁ ସ୍ପଷ୍ଟ ଭାବରେ ପ୍ରତ୍ୟାଖ୍ୟାନ କରିଥାଏ। ଏହି ରିପୋର୍ଟ ପ୍ରତ୍ୟାଖ୍ୟାନ / ଅଗ୍ରାହ୍ୟ ବା କୌଣସି ଦରଖାସ୍ତର ଗ୍ରହଣୀୟ, ଉତ୍ପାଦ କିମ୍ବା ଟିୟୁ ସିବିଲ ଦ୍ୱାରା କୌଣସି ସୁପାରିଶକୁ ଗ୍ରହଣ କରିନଥାଏ ଯାହା ମଧ୍ୟରେ ରହିଛି (୧) ନେଣଦେଣ କରିବା କିମ୍ବା ନକରିବା (୨) ସମ୍ପୃକ୍ତ ବ୍ୟକ୍ତିବିଶେଷ କିମ୍ବା ପ୍ରତିଷ୍ଠାନ ସହିତ କୌଣସି ଆର୍ଥିକ କାରବାରରେ ପ୍ରବେଶ କରିବା କିମ୍ବା ନକରିବା। ରିପୋର୍ଟରେ ଥିବା ସୂଚନାର ବିଷୟବସ୍ତୁ ଉପଦେଶକୁ ପ୍ରତିଷ୍ଠା କରିପାରିବ ନାହିଁ ଏବଂ ଉପଭୋକ୍ତା ଏଥିରେ ରହିଥିବା ଆବଶ୍ୟକୀୟ ବିଶ୍ଳେଷଣକୁ ନେଇପାରିବେ ଯାହାକି ଏହି ମତରେ ପ୍ରଯୁଜ୍ୟ ଅଟେ ଯାହାକି ଏହି ରିପୋର୍ଟରେ ଥିବା ସୂଚନା ବିଷୟବସ୍ତୁ ଆଧାରରେ ମତ ଉପସ୍ଥାପିତ ହୋଇପାରିବ। ରିପୋର୍ଟର ବ୍ୟବହାର ଯେଉଁ ବିଧି ବ୍ୟବସ୍ଥା ଦ୍ୱାରା ପରିଚାଳିତ ସେଗୁଡ଼ିକ ମଧ୍ୟରେ ରହିଛି, ଦି କ୍ରେଡ଼ିଟ ଇନଫରମେସନ କମ୍ପାନୀ (ନିୟାମକ) ଧାରା, ୨୦୦୫, ଦି କ୍ରେଡ଼ିଟ ଇନଫରମେସନ କମ୍ପାନୀ ଧାରା, ୨୦୦୬, ଦି କ୍ରେଡ଼ିଟ ଇନଫରମେସନ କମ୍ପାନୀ ଆଇନ, ୨୦୦୬। ବିନା ଅନୁମୋଦନରେ ରିପୋର୍ଟର କୌଣସି ଅଂଶକୁ ନକଲି, ପ୍ରସାରଣ କିମ୍ବା ପ୍ରକାଶନ କରାଯାଇପାରିବ ନାହିଁ।

# ଟ୍ରାନ୍ସୟୁନିୟନ ସିବିଲ

**ଟ୍ରାନ୍ସୟୁନିୟନ ସିବିଲ ଲିମିଟେଡ୍**

କ୍ରେଡ଼ିଟ୍ ଇନଫରମେସନ ବ୍ୟୁରୋ (ଇଣ୍ଡିଆ) ଲିମିଟେଡ୍

ଓ୍ୱାନ ଓ୍ୱାର୍ଲ୍ଡ ସେଣ୍ଟର, ଟାୱାର ୨ଏ-୨ବି, ୧୯ ମହଲା ସେନାପତି ବାପତ ମାର୍ଗ, ଲୋୟର ପାରେଲ, ମୁମ୍ବାଇ - ୪୦୦୦୧୩

© 2023 TransUnion CIBIL Limited All Rights Reserved